# Joint Press Release of the 10th Round of China-India Corps Commander Level Meeting

February 21, 2021

## ଚୀନ-ଭାରତ ସେନା କମାଣ୍ଡରସ୍ତରୀୟ ଦଶମ ପର୍ଯ୍ୟାୟ ବୈଠକକୁ ନେଇ ମିଳିତ ପ୍ରେସ ବିଜ୍ଞପ୍ତି

**ଫେବୃଆରୀ 21, 2021**

20 ଫେବୃଆରୀରେ ଚୀନ-ଭାରତ ସେନା କମାଣ୍ଡରସ୍ତରୀୟ ବୈଠକର ଦଶମ ପର୍ଯ୍ୟାୟ ଚୀନ ପାର୍ଶ୍ୱରେ ମୋଲଡୋ/ଚୁସୁଲ ସୀମା ନିକଟରେ ଅନୁଷ୍ଠିତ ହୋଇଥିଲା। ପାଙ୍ଗୋଙ୍ଗ ହ୍ରଦ ଅଞ୍ଚଳରେ ସୈନ୍ୟଙ୍କ ପ୍ରତ୍ୟାହାରକୁ ଉଭୟ ପକ୍ଷ ସକରାତ୍ମକ ଭାବରେ ସମୀକ୍ଷା କରିଥିଲେ ଏବଂ ଉଲ୍ଲେଖ କରିଥିଲେଯେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ ଯାହା ପଶ୍ଚିମ କ୍ଷେତ୍ରର ପ୍ରକୃତ ନିୟନ୍ତ୍ରଣ ରେଖା ସହିତ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ଏକ ଉତ୍ତମ ଆଧାର ପ୍ରଦାନ କରିଛି। ପଶ୍ଚିମ କ୍ଷେତ୍ରର ପ୍ରକୃତ ନିୟନ୍ତ୍ରଣ ରେଖା ସହିତ ଅନ୍ୟାନ୍ୟ ପ୍ରସଙ୍ଗରେ ଉଭୟ ପକ୍ଷ ଖୋଲା ଏବଂ ଗଭୀର ଭାବରେ ମତ ଆଦାନପ୍ରଦାନ କରିଥିଲେ। ସୀମାବର୍ତୀ ଅଞ୍ଚଳରେ ଶାନ୍ତିରକ୍ଷା କରିବା ପାଇଁ ଉଭୟ ପକ୍ଷ ନିଜ ରାଷ୍ଟ୍ର ନେତାଙ୍କ ଗୁରୁତ୍ୱପୂର୍ଣ୍ଣ ସହମତି ଅନୁସରଣ କରିବା, ଯୋଗାଯୋଗ ଏବଂ ଆଲୋଚନା ଜାରି ରଖିବା, ପରିସ୍ଥିତିକୁ ସ୍ଥିର ରଖିବା ଏବଂ ନିୟନ୍ତ୍ରଣ କରିବା, ଏବଂ ଅବଶିଷ୍ଟ ପ୍ରସଙ୍ଗଗୁଡ଼ିକର ପାରସ୍ପରିକ ଗ୍ରହଣୀୟ ସମାଧାନ ପାଇଁ ସ୍ଥିର ଏବଂ ଶୃଙ୍ଖଳିତ ତଥା ମିଳିତ ଉଦ୍ୟମ କରିବାକୁ ସହମତି ପ୍ରକାଶ କରିଥିଲେ।

**ନୂଆଦିଲ୍ଲୀ**
**ଫେବୃଆରୀ 21, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.